**ଶୌଚ ହେବାକୁ ଯାଇ ବୃଦ୍ଧା ନଦୀରେ ନିଖୋଜ**

ମହାକାଳପଡ଼ା,(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଖୁରୁସିଆ ଗାଁ ୪ ନଂ. ୱାର୍ଡର କୌଶଲ୍ୟା ମହାପାତ୍ର(୬୫)ସୋମବାର ସକାଳ ୫ଟାରେ କପିଳେଶ୍ୱର ମନ୍ଦିର ସଂଲଗ୍ନ ମହାନଦୀ-ପାଇକା ନଦୀ ଘାଟ କୂଳ ବନ୍ଧରେ ଚପଲ ଓ ଟର୍ଚ୍ଚ ରଖି ଶୌଚ ହେବାକୁ ଯାଇଥିଲେ। ସେ ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକଙ୍କ ସନ୍ଦେହ ପ୍ରକାଶ ପାଇଥିଲା। ପରେ ପରିବାର ଲୋକ ନିକଟ ନଦୀ ବନ୍ଧରେ ଖୋଜା ଖୋଜି କରିଥିଲେ ମଧ ବୃଦ୍ଧାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଖବରପାଇ ଓଡ୍ରାଫ କର୍ମଚାରୀ ନଦୀ ମଧରେ ବହୁ ସମୟ ଧରି ଭୁତମୁଣ୍ଡାଇ ପର୍ଯ୍ୟନ୍ତ ଖୋଜି ଥିଲେ। ଖବର ଲେଖା ହେବା ବେଳକୁ ମଧ ବୃଦ୍ଧାଙ୍କ ପତ୍ତା ମିଳୁନାହିଁ।

# ନୂଆ ଲୋଗୋରେ ପକ୍ଷୀ, ନାଲି କଙ୍କଡ଼ା ଉଭାନ୍

କେନ୍ଦ୍ରାପଡ଼ା ଅଫିସ,୨୦।୯

କେନ୍ଦ୍ରାପଡ଼ା ବନ ବିଭାଗ ପକ୍ଷରୁ ଜାତୀୟ ଉଦ୍ୟାନ ଭିତରକନିକାର ଦୁଇଟି ନୂଆ ଲୋଗୋ ଉନ୍ମୋଚିତ ହୋଇଛି। ପ୍ରଥମ ଲୋଗୋରେ ବିରଳ ଅଲିଭ ରିଡ୍‌ଲେ କଇଁଛ ସ୍ଥାନ ପାଇ ନ ଥିବାରୁ ବିବାଦ ଆରମ୍ଭ ହୋଇଥିଲା। ସୋମବାର ଦ୍ୱିତୀୟ ଲୋଗୋ ଉନ୍ମୋଚିତ ହୋଇଛି। ଏଥିରେ ବି ତ୍ରୁଟି ରହିଛି। ଗହୀରମଥା ସାମୁଦ୍ରିକ ବନ୍ୟପ୍ରାଣୀ ସଂରକ୍ଷଣ ଅଞ୍ଚଳ ପାଇଁ ପ୍ରସ୍ତୁତ ଲୋଗୋରେ ପକ୍ଷୀ, ନାଲି କଙ୍କଡାଙ୍କ ଛବି ନାହିଁ; ଯାହା କି ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପ୍ରଥମ ଲୋଗୋରେ ଥିବା କଞ୍ଜରଭେଶନ ଇଜ୍ ଆୱାର କନସର୍ନକୁ ୨ୟରେ ଉଠାଇ ଦିଆଯାଇଛି। ଜାତୀୟ ଉଦ୍ୟାନର ଅସ୍ମିତା ପାଇଁ ସମଗ୍ର ଅଞ୍ଚଳକୁ ଗୁରୁତ୍ୱ ଦିଆଯାଇ ଗୋଟିଏ ଲୋଗୋ କରିବାକୁ ଜିଲାପାଳଙ୍କୁ ସୋମବାର ଦାବିପତ୍ର ଦିଆଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ପର୍ଯ୍ୟାବରଣ ମନ୍ତ୍ରଣାଳୟ, ପିସିସିଏଫ୍, ଆରସିସିଏଫ୍‌ଙ୍କୁ ଡାକ ଯୋଗେ ଲୋଗୋ ସମ୍ପର୍କରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି। ଅପରପକ୍ଷେ ଲୋଗୋ ସଂଖ୍ୟାକୁ ନେଇ ପ୍ରଶ୍ନ ଉଠିଛି।

### ଗୋଟିଏ ଲୋଗୋ ପ୍ରସ୍ତୁତ କରାଯାଉ

ଭିତରକନିକା ସଂରକ୍ଷିତ ଅଞ୍ଚଳ ୨୧୦, ୭୦୦ ହେକ୍ଟର। ଏଥିରେ ଭିତରକନିକା ଜାତୀୟ ଉଦ୍ୟାନ ୧୪, ୫୦୦ ହେକ୍ଟର ହୋଇଥିବା ବେଳେ ବନ୍ୟପ୍ରାଣୀ ସଂରକ୍ଷିତ ଅଞ୍ଚଳ ୫୨, ୭୦୦ ହେକ୍ଟର। ଗହୀରମଥା ସାମୁଦ୍ରିକ ପ୍ରାଣୀ ସଂରକ୍ଷିତ ଅଞ୍ଚଳର ଆୟତନ ୧୪୩, ୫୦୦ ହେକ୍ଟର। ଏହା ବ୍ୟତୀତ ଭିତରକନିକା ବନାଞ୍ଚଳର ସୁରକ୍ଷା ପାଇଁ ୪୪, ୭୪୦ ହେକ୍ଟର ଅଞ୍ଚଳକୁ ବଫର ଜୋନ୍ ବା ଇକୋ ସେନ୍ସିଟିଭ ଜୋନ୍ ଭାବେ ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ୨ ଲୋଗୋ ପରିବର୍ତ୍ତେ ଗୋଟିଏ କିମ୍ବା ୪ ଲୋଗୋ ପ୍ରସ୍ତୁତ ହେଉ। ଫଳରେ ଭିତରକନିକାକୁ ଭାଗ କରି ଲୋକଙ୍କୁ ଚିହ୍ନଟ କରାଇବା ଅଥବା ଅବିଭକ୍ତ ଭିତରକନିକାର ଅସ୍ମିତାର ପ୍ରଚାର ପ୍ରସାର ହୋଇପାରିବ।

**ପ୍ରଭୁପ୍ରସାଦ ମହାପାତ୍ର, ପରିବେଶବିତ୍, ମହାକାଳପଡ଼ା**

### ଜିଲାବ୍ୟାପୀ ଆନ୍ଦୋଳନ ହେବ

ଭିତରକନିକାର ଲୋଗୋ ବଦଳିଯାଇଛି। ଏହି ବଦଳାବଦଳିରେ ଭିତରକନିକାର ଅସ୍ମିତାକୁ ନଷ୍ଟ କରାଯାଇଛି। ପ୍ରଥମ ଲୋଗୋରେ ଅଲିଭ ରିଡ୍‌ଲେକୁ ସ୍ଥାନ ମିଳିନାହିଁ। ସେହିପରି ଦ୍ୱିତୀୟ ଲୋଗୋରେ ପକ୍ଷୀ, ନାଲି କଙ୍କଡା ଆଦି ନାହାନ୍ତି। ପ୍ରଥମ ଓ ଦ୍ୱିତୀୟ ଲୋଗୋରେ ଡଲଫିନ୍ ସ୍ଥାନ ପାଇଛି। ବନବିଭାଗ ଲୋଗୋ ପ୍ରସ୍ତୁତିରେ ଅସମାନତା ପ୍ରଦର୍ଶନ କରିଛନ୍ତି। ଏ ନେଇ ଜିଲାପାଳଙ୍କ ସମେତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରାଯାଇଛି। ଲୋଗୋ ନ ବଦଳିଲେ ଜିଲାବ୍ୟାପୀ ଆନ୍ଦୋଳନ ହେବ।

**ପ୍ରଦୀପ କୁମାର ଦାଶ, ରାଜ୍ୟ ସଭାପତି, ଜନଶକ୍ତି ପାର୍ଟି**

### ଲୋଗୋର ରେଜିଷ୍ଟ୍ରେଶନ ଜରୁରୀ

ପରିବେଶ ସୁରକ୍ଷା ଆଇନ ୧୯୮୬ ଅଧୀନରେ ଲୋଗୋର ଗୁରୁତ୍ୱ ଅଧିକ। ଏହି ଲୋଗୋ ସ୍ଥାନୀୟ ପରିବେଶ ସୁରକ୍ଷା ସହିତ ସଂରକ୍ଷଣ ସମ୍ପର୍କରେ ସୂଚନା ଦେଇଥାଏ। ଆଧୁନିକ ଯୁଗରେ ପରିବେଶ ସଚେତନତା ପାଇଁ ଲୋଗୋ ଜରୁରୀ ହୋଇପଡିଛି। ଏହାଦ୍ୱାରା ପରିବେଶ ସମ୍ପର୍କରେ ସଙ୍କେତାତ୍ମକ ହେଲେ ମଧ୍ୟ ବୃହତ୍ ଉଦ୍ଦେଶ୍ୟ ସାଧନ ହୋଇଥାଏ। ଲୋଗୋର ରେଜିଷ୍ଟ୍ରେଶନ ନ ହେଲେ ଏହାର ସୁଯୋଗ ବ୍ୟବସାୟୀ ଉଠାଇବେ। ଭିତରକନିକାର ଆକର୍ଷଣ ସାରା ବିଶ୍ୱରେ ଅଛି। ଏହି ଲୋଗୋକୁ ବ୍ୟବହାର କରି କେତେଜଣ ବ୍ୟବସାୟୀ ଟୁରିଷ୍ଟଙ୍କୁ ଠକି ପାରନ୍ତି। ସେହିପରି ଭିତରକନିକା ଗୋଟିଏ ବର୍ଷରେ ୪୮୦ କୁଇଣ୍ଟାଲ ମହୁ ଉତ୍ପାଦର କ୍ଷମତା ରଖିଛି। ମହୁ ଭିତରକନିକାର ଲୋଗୋରେ ବିକ୍ରି ହୋଇପାରିବ। ତେବେ ଲୋଗୋ ରେଜିଷ୍ଟ୍ରେଶନ ହୋଇ ନ ଥିଲେ ବ୍ୟବସାୟୀ ସୁଯୋଗ ନେବେ।

**ଆଇନଜୀବୀ ସରୋଜରାଜ ସିଂହ, କେନ୍ଦ୍ରାପଡ଼ା**



ପ୍ରତାପ କୁମାର ପାଢ଼ୀ, ପ୍ରଦୀପ କୁମାର ଦାଶ, ସରୋଜରାଜ ସିଂହ, ପ୍ରଭୁପ୍ରସାଦ ମହାପାତ୍ର।

### ପ୍ରଶାସନ ଲୋଗୋ ବିବାଦ ସୃଷ୍ଟି କରିଛି

ଲୋଗୋ ଆଢୁଆଳରେ ଅର୍ଥ ହଡପ ଯୋଜନା ଥିବା ଅସମ୍ଭବ ନୁହେଁ। ଇତିମଧ୍ୟରେ ନୂତନ ଲୋଗୋରେ ଟୋପି, ମଗ, ଟି-ଶାର୍ଟ ଆଦି ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ପୁରୁଣା ଲୋଗୋରେ ଥିବା ସାମଗ୍ରୀ କେତେ ପରିମାଣରେ ଗଚ୍ଛିତ ଅଛି ଓ ନୂତନ ଲୋଗୋ ପ୍ରସ୍ତୁତି ସହ ନୂଆ ସାମଗ୍ରୀ କିଣା ସମ୍ପର୍କରେ ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯିବ। ଏହାବ୍ୟତୀତ ପୁରୁଣା ଲୋଗୋରେ ଭିତରକନିକାକୁ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇ କଞ୍ଜରଭେଶନ ଇଜ ଆୱାର କନସର୍ନ ଟ୍ୟାଗ ଲାଇନ ଥିଲା; ଯାହା ନୂତନ ଲୋଗୋରେ ଦେଖିବାକୁ ମିଳୁନାହିଁ। ଖରସ୍ରୋତା ପାଣି ଉଠା ବିବାଦକୁ ସମ୍ଭାଳି ପାରୁ ନ ଥିବା ଜିଲା ପ୍ରଶାସନ ପୁଣି ଏକ ନୂଆ ଲୋଗୋ ବିବାଦ ସୃଷ୍ଟି କରିଛି। ଜିଲାବାସୀ ପ୍ରଶାସନର ଏପରି ମନୋଭାବକୁ କେବେ ବି ବରଦାସ୍ତ କରିବେ ନାହିଁ

**ପ୍ରତାପ କୁମାର ପାଢ଼ୀ, ସାମାଜିକ କର୍ମୀ, ପଟ୍ଟାମୁଣ୍ଡାଇ**

**ଭିତରକନିକା ଲୋଗୋ ବିବାଦ ପ୍ରସଙ୍ଗ**

- ସଂରକ୍ଷଣକୁ ଭୁଲିଗଲା ବନ ବିଭାଗ
- ଏକାଧିକ ଲୋଗୋକୁ ନେଇ ଉଠିଲା ପ୍ରଶ୍ନ
- ଗୋଟିଏ ଲୋଗୋ ପାଇଁ ଦାବିପତ୍ର

## ଗହୀରମଥାର ସ୍ୱତନ୍ତ୍ର ଲୋଗୋ ଉନ୍ମୋଚିତ

ରାଜନଗର,୨୦।୯(ଡି.ଏନ.ଏ.)

ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥାକୁ ସ୍ୱତନ୍ତ୍ର ପରିଚୟ ଦେବାକୁ ରାଜନଗର ବନବିଭାଗ ପକ୍ଷରୁ ନୂତନ ଲୋଗୋ ପ୍ରସ୍ତୁତ କରାଯାଇଛି। ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଏହି ଲୋଗୋ ପ୍ରସ୍ତୁତ କରିବା ପରେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଆନିମେଟେଡ ଡିଜାଇନରେ ପ୍ରସ୍ତୁତ ଏହି ଲୋଗୋରେ ଉପରେ ଗହୀରମଥା ଲେଖାଥିବା ବେଳେ ତଳେ ଓଡ଼ିଶା ଲେଖାଯାଇଛି। ଓଡ଼ିଶା ଲେଖାଯିବା ବେଳେ ମଡସ୍କିପର ମାଛକୁ ଆଇ ଅକ୍ଷର ଭାବେ ବ୍ୟବହାର କରାଯାଇଛି। ଏହି ନୂତନ ଲୋଗୋରେ ନୀଳରକ୍ତ କଙ୍କଡା, ଶ୍ୱଶନ ମୂଳ ଜାତୀୟ ଲୁଣା ଗଛକୁ ଏଥିରେ ସ୍ଥାନ ଦିଆଯାଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ଦେଖାଇବାକୁ ଏହି ଲୋଗୋରେ ପ୍ରୟାସ କରାଯାଇଛି। ଏହି ଲୋଗୋରେ ସାମୁଦ୍ରିକ ଡଲଫିନ, ମାଆ ଓ ଛୁଆ ଅଲିଭରିଡଲେ କଇଁଛ, ଅଲିଭରିଡଲେଙ୍କ ମୁଖ୍ୟ ଖାଦ୍ୟ ଜେଲି ଫିସ୍, ପାଣି ଗୋଧି, ସହିତ ବେଳାଭୂମି ସହିତ ସାମୁଦ୍ରିକ ପୋର୍ଟ ହୁକିଟୋଲାକୁ ସ୍ଥାନ ଦିଆଯାଇଛି। ଲୋଗୋରେ ଅଗରନାସୀ ଦ୍ୱୀପ ସହିତ ବଙ୍ଗୋପସାଗରର ନୀଳ ଜଳରାଶିକୁ ଦେଖାଯାଇଛି। ଗହୀରମଥା ଓ ଭିତରକନିକା ପାଇଁ ପୂର୍ବରୁ ବନବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଲୋଗୋ ବ୍ୟବହାର କରାଯାଉଥିଲା। ସୂଚନାଯୋଗ୍ୟ ନିକଟରେ ଭିତରକନିକା ଜାତୀୟ ଉଦ୍ୟାନର ପ୍ରଚଳିତ ଲୋଗୋକୁ ପରିବର୍ତ୍ତନ କରାଯାଇଥିଲା। ଏଥିରେ ଅଲିଭରିଡଲେ କଇଁଛ ସ୍ଥାନ ପାଇ ନ ଥିବାରୁ ବିଭିନ୍ନ ମହଲରୁ ପତିକ୍ରିୟା ପ୍ରକାଶ ପାଇଥିଲା।

**ସଂକ୍ଷେପରେ**

### ୧୨ ବର୍ଷର ପୁଅକୁ ଧରି ପ୍ରେମିକ ସହ ମହିଳା ଫେରାର

ରାଜନଗର,୨୦।୯(ଡି.ଏନ.ଏ.): ୧୨ ବର୍ଷର ପୁଅକୁ ଧରି ଜଣେ ମହିଳା ନିଜ ପ୍ରେମିକ ସହ ଫେରାର ହୋଇଯାଇଛନ୍ତି। ସ୍ୱାମୀ ଦାଦନ ଖଟିବାକୁ ବାହାରକୁ ଯାଇଥିବା ବେଳେ ଏହି ଘଟଣା ଘଟିଛି। ଏ ସଂକ୍ରାନ୍ତରେ ଖବର ମିଳିବା ପରେ ମହିଳାଙ୍କ ସ୍ୱାମୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ରାଜନଗର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ହାତିଆଗଡି ଗାଁର ଜଣେ ଯୁବକ ଦାଦନ ଖଟିବାକୁ ବାଙ୍ଗାଲୋର ଯାଇଥିଲେ। ଘରେ ସ୍ତ୍ରୀ ଓ ପୁଅ ଥିଲେ। ଗତ ୧୬ ତାରିଖରେ ତାଙ୍କ ସ୍ତ୍ରୀ ଓ ପୁଅ ଘର ଛାଡି କେଉଁଆଡେ ପଳାଇ ଯାଇଛନ୍ତି ବୋଲି ସେ ଖବର ପାଇଥିଲେ। ଏ ନେଇ ସେ ସ୍ତ୍ରୀଙ୍କ ସହିତ ବାରମ୍ବାର ଯୋଗଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ସେ ଗାଁକୁ ଫେରିଥିଲେ। ମାତ୍ର ଘରେ ଥିବା ଟିଭି, ସାଇକେଲ, ମୋବାଇଲ ଫୋନ, ଗ୍ୟାସ୍‌ଚୂଲା, ସିଲିଣ୍ଡର, ସୁନା ଅଳଙ୍କାର ସମେତ ସେ ସ୍ତ୍ରୀଙ୍କ ପାଖକୁ ପଠାଇଥିବା ୫୦ ହଜାର ଟଙ୍କା ନ ଥିବା ଦେଖିଥିଲେ। ତାଙ୍କ ସ୍ତ୍ରୀ ଉପରୋକ୍ତ ସାମଗ୍ରୀ ନେଇ କଣ୍ଡିରା ଗାଁର ଜଣେ ବ୍ୟକ୍ତିଙ୍କ ସହ ପଳାଇ ଯାଇଥିବା ଜଣାପଡିଥିଲା। ସ୍ତ୍ରୀ ଓ ପୁଅକୁ ଖୋଜିବାକୁ ସେ ଥାନାରେ ନେହୁରା ହୋଇଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

କୁଜଙ୍ଗ,୨୦।୯ (ଡି.ଏନ୍.ଏ.): କୁଜଙ୍ଗ ଥାନା ଗଣ୍ଡକୀପୁର ପଞ୍ଚାୟତର କାବଲପୁର ଗାଁରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିରଞ୍ଜନ ସାହୁଙ୍କ ପୁଅ ତୋଫାନ (୩୪)। ତୋଫାନ ଘର ପାଖରେ କରିଥିବା କୁକୁଡା ଫାର୍ମକୁ ଯାଇ ପରିଷ୍କାର କରୁଥିଲେ। ସେ ଫାର୍ମରେ ଥିବା ଟେବୁଲ୍ ଫ୍ୟାନ୍‌କୁ ଝଡ଼ାଝଡି କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରେ ପରିବାର ଲୋକେ ତାଙ୍କୁ ନେଇ କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଆତ୍ମା କର୍ମଚାରୀଙ୍କ ସମୂହ ଛୁଟି

କେନ୍ଦ୍ରାପଡ଼ା ଅଫିସ,୨୦।୯: କେନ୍ଦ୍ରାପଡ଼ା ଜିଲା କୃଷି ବିଭାଗ ଅଧୀନ ଆତ୍ମା ଯୋଜନାର ସମସ୍ତ କର୍ମଚାରୀ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟି ନେଇଛନ୍ତି। ଏହି ଛୁଟିପତ୍ରକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଶିବପ୍ରସାଦ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି। ଆତ୍ମା ଯୋଜନା କର୍ମଚାରୀ ସଂଘର ସଭାପତି ଶୈଳେନ୍ଦ୍ର ସ୍ୱାଇଁ ଏ ସମ୍ପର୍କରେ କହିଛନ୍ତି, କୃଷିର ବିକାଶ ପାଇଁ ଆତ୍ମା ଯୋଜନା ହୋଇଛି। କର୍ମଚାରୀମାନେ ତାଲିମ ପ୍ରଦାନ ସହ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛନ୍ତି। ତେବେ ଗତ ୬ ମାସ ହେବ ଏହି କର୍ମଚାରୀଙ୍କୁ କୌଣସି ଦରମା ପ୍ରଦାନ କରାଯାଇନାହିଁ। ଫଳରେ କର୍ମଚାରୀ ଆର୍ଥିକ ଦୁରବସ୍ଥାରେ ଅଛନ୍ତି। ଏ ନେଇ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସୁଫଳ ନ ମିଳିବାରୁ ଜିଲାରେ ନିଯୁକ୍ତ ୪୦ କର୍ମଚାରୀ ସମୂହ ଛୁଟି ନେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଂଘ କର୍ମକର୍ତ୍ତା ରଘୁନାଥ ମହାନ୍ତି, ନବକୁମାର ଭୂୟାଁ, ଅଜୟ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

### ଜଳବନ୍ଦୀ ଅଞ୍ଚଳରେ ମନ୍ତ୍ରୀଙ୍କ କ୍ଷୟକ୍ଷତି ଅନୁଧ୍ୟାନ

ବାଲିକୁଦା,୨୦।୯(ସ୍ୱ.ପ୍ର.): ଲଗାଣ ବର୍ଷାରେ ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତର ବହୁ ଗାଁ ଜଳବନ୍ଦୀ ହୋଇ ରହିଛି। ସ୍ଥାନୀୟ ବିଧାୟକ ତଥା ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ସୋମବାର ଏସବୁ ଅଞ୍ଚଳ ଗସ୍ତରେ ଆସି ସ୍ଥିତି ପରଖିବା ସହ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ସେ ଜଳବନ୍ଦୀ ଥିବା ଲୋକଙ୍କ ସମସ୍ୟା ବୁଝିଛନ୍ତି। କ୍ଷୟକ୍ଷତି ଆକଳନ ପାଇଁ କୃଷି ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ସେଠାରେ ପହଞ୍ଚି ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ପରେ ମନ୍ତ୍ରୀ ଦାସ ତଣ୍ଡିକୁଳ, ମୁଲୁଗାଁ, କୃଷ୍ଣଦାସପୁର ପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ।

### ବ୍ରାଉନ୍‌ସୁଗାର ଜବତ: ଜଣେ କୋର୍ଟ ଚାଲାଣ

ଜଗତ୍‌ସିଂହପୁର ଅଫିସ,୨୦।୯: ଜଗତ୍‌ସିଂହପୁର ଥାନା ଚାନ୍ଦୋଳ ଉଚ୍ଚପ୍ରାଥମିକ ବିଦ୍ୟାଳୟ ନିକଟରୁ ୧୫.୦୯ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ପୋଲିସ କାଦୁଆପଡ଼ା ଚାନ୍ଦୋଳର ବଚବ ବାରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ମାମଲା (ନଂ.୪୬୩/୨୧) ରୁଜୁ କରଯାଇଛି।

## ଗାଁ ପୋଖରୀରୁ ୮ ଫୁଟର କୁମ୍ଭୀର ଉଦ୍ଧାର

ରାଜନଗର,୨୦।୯(ଡି.ଏନ.ଏ.)

ସୋମବାର ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ଭେକ୍ଟାକୋଲ୍ଲା ଗାଁ ପୋଖରୀରୁ ଏକ ବିରାଟକାୟ କୁମ୍ଭୀରକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଏହି କୁମ୍ଭୀରର ଲମ୍ବ ୮ଫୁଟ ଏବଂ ଓଜନ ଦେଢ କୁଇଣ୍ଟାଲ । ବନବିଭାଗର କର୍ମଚାରୀମାନେ ଜାଲରେ ଉକ୍ତ କୁମ୍ଭୀରକୁ ଧରିବା ପରେ କୌଶଳ କ୍ରମେ ତାକୁ ବାନ୍ଧି ଏକ ଟ୍ରାକ୍ଟରରେ ନେଇ ବାଉଁଶଗଡ ନଦୀରେ ଛାଡ଼ିଛନ୍ତି ।

ସୂଚନା ଅନୁଯାୟୀ, ସୋମବାର ସକାଳେ ଭେକ୍ଟାକୋଲ୍ଲାଗାଁର ମନ୍ମଥ ରାୟ ତାଙ୍କ ପୋଷା ବତକଗୁଡିକ ଭୟରେ ଚିତ୍କାର କରି ଦୌଡୁଥିବା ଦେଖି ଥିଲେ। ବତକ ପାଖକୁ ଯିବା ବେଳକୁ ଏକ ବିରାଟକାୟ କୁମ୍ଭୀରକୁ ଦେଖି ଡାକ ପକାଇଥିଲେ। ଏହି ସମୟରେ ବତକଗୁଡିକ ରାୟଙ୍କ ପୋଖରୀକୁ ଚାଲିଯିବାରୁ କୁମ୍ଭୀର ମଧ୍ୟ ପୋଖରୀ ଭିତରକୁ ପଶି ଯାଇଥିଲା। ଗ୍ରାମବାସୀ ଏ ସମ୍ପର୍କରେ ବନବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ରିତ ରାଉତ, ସବିତା ବେହେରା, ବନ କର୍ମଚାରୀ ହିମାଂଶୁ ରାଉତ, ନିତାଇ ମଣ୍ଡଳ, ଦୈତାରୀ ମଳିକ, ଦୀନବନ୍ଧୁ ଦାସ, ସହଦେବ ପ୍ରଧାନ ପ୍ରମୁଖ ଭେକ୍ଟାକୋଲ୍ଲା ଗାଁରେ ପହଞ୍ଚି ପୋଖରୀରେ କୁମ୍ଭୀର ଭାସୁଥିବା ଦେଖିଥିଲେ। ଜାଲରେ କୁମ୍ଭୀରକୁ ପୋଖରୀରୁ ଧରା ଯାଇଥିଲା।




ପୋଖରୀରୁ ଉଦ୍ଧାର କରାଯାଇଥିବା କୁମ୍ଭୀର।

## ତିର୍ତ୍ତୋଲ ପୋଲିସ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

**ଧାର ନେଇ ୮୦ ହଜାର ଫାଙ୍କିବା ମାମଲା**

ଜଗତ୍‌ସିଂହପୁର ଅଫିସ, ୨୦।୯

ତିର୍ତ୍ତୋଲ ଥାନା ଅନ୍ତର୍ଗତ ରସୁଲପୁର ଗ୍ରାମର ଅନୁୱାରୀ ବେଗମ ଜଗତ୍‌ସିଂହପୁର ଏସ୍‌ପି ଅଖିଳେଶ୍ୱର ସିଂହଙ୍କ ନିକଟରେ ତିର୍ତ୍ତୋଲ ପୋଲିସ ବିରୋଧରେ ଅଭିଯୋଗ କରିଛନ୍ତି। ଧାର ଶୁଝୁ ନ ଥିବା ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ସତ୍ତ୍ୱେ ତିର୍ତ୍ତୋଲ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନୁୱାରୀଙ୍କ ଦୂର ସମ୍ପର୍କୀୟ ଆସିଫ ଖାନ୍ ଓରଫ ବବୁଲ, ହମିତ ଖାଁ, ୟାସମିନ ବେଗମ ୬।୩।୧୮ରେ ୮୦,୦୦୦ ଟଙ୍କା ଧାର ନେଇଥିଲେ। ୬ ମାସ ଭିତରେ ଟଙ୍କା ଫେରାଇ ଦେବାକୁ ସେମାନେ ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଦୀର୍ଘ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ସେମାନେ ଟଙ୍କା ଫେରାଉନାହାନ୍ତି। ଏ ସମ୍ପର୍କରେ ଅନୁୱାରୀ ୫।୭।୨୧ରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୨୬୮/୨୧) ରୁଜୁ କରିଥିଲା। କିନ୍ତୁ ପୋଲିସ ସହଯୋଗ କରିବା ଦୂରର କଥା ଏ ପର୍ଯ୍ୟନ୍ତ କୋର୍ଟରେ ଚାର୍ଜଶିଟ୍ ଦାଖଲ କରୁନାହିଁ। ଅନ୍ୟପଟେ ଅଭିଯୁକ୍ତମାନେ ଖୋଲାଖୋଲି ବୁଲିବା ସହ ତାଙ୍କ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏପରିକି ଅନୁୱାରୀଙ୍କ ବଡ ଭାଇ ମିର୍ ଭବନାମ ଓ ବାପା ମିର୍‌ଦୟାନଙ୍କୁ ମାରିଦେବା ପାଇଁ ସାମାଜିକ ଗଣମାଧ୍ୟମରେ ଧମକ ଦିଆଯାଉଛି। ଏନେଇ ବଡ ଭାଇ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେମାନଙ୍କୁ ସୁରକ୍ଷା ଦିଆଯିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁୱାରୀ ଦାବି କରିଛନ୍ତି।

## ମହାନଦୀରୁ ଆକାଶକୁ ଉଠିଲା ଜଳଚକ୍ରୀ

ମହାକାଳପଡ଼ା,୨୦।୯(ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଅଧୀନ ଖୁରୁସିଆ ଗାଁ ନିକଟ ମହାନଦୀ ଓ ପାଇକା ନଦୀର ମିଳନ ସ୍ଥଳରେ ସୋମବାର ଅପରାହ୍ନ ୩ଟାରୁ ସାଢେ ୩ଟା ଭିତରେ ହଠାତ ଏକ ଜଳଚକ୍ରୀ ଆକାଶକୁ ଉଠିଥିଲା। ଏହାକୁ ଖୁରୁସିଆ ଗାଁ ପ୍ରଫୁଲ୍ଲ ପ୍ରଧାନ ଦେଖିବା ସହ ଭିଡିଓ ରେକର୍ଡିଂ କରିଥିଲେ। ପରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ଏକ ଘଣ୍ଟା ଧରି ଲାଗି ରହିଥିଲା। ଏହା ପରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମନରେ ଭୟ ସଞ୍ଚାର ହୋଇଥିଲା। ଏହା ଏକ ପ୍ରାକୃତିକ ବିରଳ ଦୃଶ୍ୟ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।



ମହାନଦୀରେ ଆକାଶକୁ ଜଳ ଚକ୍ରୀ ଉଠୁଛି।

## ଶ୍ୱଶୁରଘରୁ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହ ଜବତ

କୁଜଙ୍ଗ,୨୦।୯(ଡି.ଏନ୍.ଏ.)

ଶ୍ୱଶୁରଘରୁ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି। ଏହି ଘଟଣା ରବିବାର କୁଜଙ୍ଗ ଥାନା ଅଧୀନ ବାଲିତୁଠ ପଞ୍ଚାୟତ ମୂଳକଣୀ ଗାଁରେ ଘଟିଛି। ମୃତକ ଜଣକ ହେଲେ ତିର୍ତ୍ତୋଲ ଥାନା ପୋଡାକାନ୍ଥିର ଗାଁର ନିରଞ୍ଜନ ଦାସଙ୍କ ପୁଅ ଚିତ୍ତରଞ୍ଜନ (୩୬)। ଶ୍ୱଶୁର ଘର ଲୋକେ ତାଙ୍କୁ ହତ୍ୟା କରିବା ପରେ ଝୁଲାଇ ଦେଇଛନ୍ତି ବୋଲି ଭାଇ ରଶ୍ମିରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୩୧/୨୧) ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛି।

ଅଭିଯୋଗ ଅନୁଯାୟୀ, ୧୩ବର୍ଷ ତଳେ ଚିତ୍ତଙ୍କ ସହ ମୂଳକଣୀ ଗାଁର ଧୀର ସାମନ୍ତରାୟଙ୍କ ଝିଅ ଲକିଲୋରାଙ୍କ ବିବାହ ହୋଇଥିଲା। କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ହେବାରୁ ଲକିଲୋରା ୪ ମାସ ହେବ ବାପ ଘରକୁ ଚାଲି ଯାଇଥିଲେ। ଚିତ୍ତ ରବିବାର ଶ୍ୱଶୁର ଘରକୁ ଯାଇଥିଲେ। ସୋମବାର ସକାଳେ ରଶ୍ମିଙ୍କୁ ଭାଇଙ୍କ ଶ୍ୱଶୁର ଘର ଲୋକେ ଡାକି ତାଙ୍କ ମୃତ୍ୟୁ ସମ୍ପର୍କରେ କହିଥିଲେ। ରଶ୍ମି ସେଠାରେ ପହଞ୍ଚିବାବେଳକୁ ଚିତ୍ତ ରହିଥିବା କୋଠରୀ ଭିତରପଟୁ ବନ୍ଦ ଥିଲା। ଖବରପାଇ ପୋଲିସ ଓ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ପହଞ୍ଚିବା ପରେ କୋଠରୀର କବାଟ ଖୋଲା ଯାଇଥିଲା। ଚିତ୍ତଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବାବେଳେ ତାଙ୍କ ଶରୀରରୁ ରକ୍ତ ବୋହିଥିବା ଜଣାପଡିଛି। ଏଥିସହ ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ଭାଇଙ୍କୁ ଯୋଜନାବଦ୍ଧ ଭାବେ ଶ୍ୱଶୁର ଘର ଲୋକେ ହତ୍ୟା କରିଛନ୍ତି ବୋଲି ରଶ୍ମି ଅଭିଯୋଗରେ ଦର୍ଶାଇଛନ୍ତି।

**ଥାନାରେ ହତ୍ୟା ଅଭିଯୋଗ**

## ବନ୍ଧ ମରାମତି, ନଦୀ ନାଳ ସଫେଇ ନାଁରେ ଦୁର୍ନୀତି ଅଭିଯୋଗ

ଏରସମା,୨୦।୯(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗରେ ଦୁର୍ନୀତି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣାଘେରି ବନ୍ଧ ମରାମତି ଓ ନଦୀ ନାଳ ସଫେଇ ନାଁରେ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ ଆର୍ଥିକ ବର୍ଷରେ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଛି। ମାତ୍ର ଏହାର ଲାଭ ଚାଷୀଙ୍କୁ ମିଳିପାରୁନାହିଁ। ସଫେଇ କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବାରୁ ପ୍ରତିବର୍ଷ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ସୋମବାର ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।

ଏରସମା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ ଏହି ସମ୍ମିଳନୀରେ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ଭାଜପା ନେତା ଶିବବ୍ରତ ଦାସ, ଦଳର ଏରସମା ମଣ୍ଡଳ ସଭାପତି ଜଟାଧାରୀ ସ୍ୱାଇଁ, ଜିଲା ଉପସଭାପତି ନିର୍ଲିପ୍ତ ଜେନା ଓ ଅମ୍ବିକା ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଜଳ ସମ୍ପଦ ବିଭାଗର ପଦସ୍ଥ ଅଧିକାରୀମାନଙ୍କୁ ସମାଲୋଚନା କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଥିଲେ। ଏନେଇ ଏକ ଦାବିପତ୍ର କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି ବୋଲି ଓବିସି ମୋର୍ଚ୍ଚାର ଉପସଭାପତି ସାହୁ ସୂଚନା ଦେଇଛନ୍ତି।

## ଲଗାଣ ବର୍ଷାରେ ତାଳଦଣ୍ଡା କେନାଲ ଗାର୍ଡୱାଲ ଦବିଲା



ତାଳଦଣ୍ଡା କେନାଲର ଗାର୍ଡୱାଲ ଦବିଯାଇଛି।

ରଘୁନାଥପୁର,୨୦।୯(ଡି.ଏନ୍.ଏ.)

ଲଗାଣ ବର୍ଷାରେ ରଘୁନାଥପୁର ବ୍ଲକ ତାରପୁରସ୍ଥିତ ତାଳଦଣ୍ଡା କେନାଲ ଡାହାଣ ପାର୍ଶ୍ୱ ବନ୍ଧର ୫୦ ଫୁଟ ଲମ୍ବ ପର୍ଯ୍ୟନ୍ତ ଗାର୍ଡୱାଲ ସୋମବାର ଦବିଯାଇଛି। କେନାଲ ବନ୍ଧରୁ ଗଡୁଥିବା ବର୍ଷାପାଣି ଓ ଝରପାଣି ଗାର୍ଡୱାଲ ତଳ ଦେଇ ପ୍ରବାହିତ ହେଉଥିବାରୁ ମାଟି ଧୋଇଯାଇ ୱାଲଟି ଦବିଯାଇଥିବା ଆଶଙ୍କା କରାଯାଉଛି। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜଳସମ୍ପଦ ବିଭାଗ ମଣିଜଙ୍ଗା ଏସ୍‌ଡିଓ ତଥା ଜଇପୁର ଯନ୍ତ୍ରୀଙ୍କ ଅଧୀନରେ ୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହି କାର୍ଯ୍ୟ ହୋଇଥିଲା। ଏହି ସ୍ଥାନରେ ଲୁହା ରଡ଼ ବିଛାଯାଇ କଂକ୍ରିଟ କରାଯାଇଥିଲେ ଏପରି ସମସ୍ୟା ସୃଷ୍ଟି ହୋଇ ନ ଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ଏସ୍‌ଡିଓ ଚିନ୍ମୟ କୁମାର ମହାନ୍ତି ଅଭିଯୋଗକୁ ଅସ୍ୱୀକାର କରିବା ସହ ଗାର୍ଡୱାଲ ତଳେ ପାଣି ଯିବାଦ୍ୱାରା ଏହି କ୍ଷତି ହୋଇଛି ବୋଲି କହିଛନ୍ତି। ଖୁବଶୀଘ୍ର ଫିଲଟରିଂ ପ୍ରକ୍ରିୟାରେ ଏନେଇ ସ୍ଥାୟୀ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଅଧ୍ୟକ୍ଷଙ୍କ ନାଉଗାଁ ଗସ୍ତ

ନାଉଗାଁ,୨୦।୯(ସ୍ୱ.ପ୍ର.)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ଡ. ଉପେନ୍ଦ୍ର ତ୍ରିପାଠୀ ସୋମବାର ନାଉଗାଁ ଗସ୍ତରେ ଆସି ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ବିଦ୍ୟାଳୟରେ ୫-ଟି ପକ୍ଷରୁ କରାଯାଇଥିବା ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟକୁ ସେ ବୁଲି ଦେଖିଥିଲେ। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଏହି ସଭାରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଯୋଗ ଦେଇ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ଛାତ୍ର ପ୍ରସନ୍ନ କୁମାର ଦାଶ, ମୋ ସ୍କୁଲ ଅଭିଯାନର ସମ୍ପାଦକ ଉତ୍କଳ ରଞ୍ଜନ ମହାନ୍ତି, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ ଦିଗ ଉପରେ ଆଲୋଚନା କରିଥିଲେ। ପୁରାତନ ବିଦ୍ୟାର୍ଥୀ ପରିଷଦର ପରାମର୍ଶଦାତା ଡା. ରାଖାଲ ଚନ୍ଦ୍ର ରାୟ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ତପନ କୁମାର ସିଂ ଶେଷରେ ଧନ୍ୟବାଦ ଦେଇଥିଲେ।

## ବୈତରଣୀ ବନ୍ୟାପାଣି ପଧାନପଡା ଗାଁରେ ପଶି ଘର ନଷ୍ଟ

ରାଜକନିକା,୨୦।୯(ଡି.ଏନ.ଏ.)

ରାଜକନିକା ବ୍ଲକର ପଧାନପଡା ଗାଁ ମୁଣ୍ଡରେ ବୈତରଣୀ ବନ୍ୟାପାଣି ସୋମବାର ଭିତରକୁ ପଶିବା ଫଳରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବନ୍ୟାପାଣି ପଶି ଏହି ଗାଁର ଶ୍ୟାମସୁନ୍ଦର ଯେନା, ରଙ୍ଗାଧର ଯେନା, ଅକ୍ରୁର ଯେନା, ମଧୁସୂଦନ ପଣ୍ଡା, କ୍ଷୀରୋଦ ବେହେରା, ବିରେନ୍ଦ୍ର ଦାସ, ନୃସିଂହ ଦାସ, ଗଦାଧର ସାହୁ, ଶଙ୍କର ଦାସ, ଦିଲୀପ ଦାସ ପ୍ରମୁଖଙ୍କ ଘରର ସମସ୍ତ ଆସବାସପତ୍ର ନଷ୍ଟ ହୋଇଯାଇଛି। ଚୁଲିରେ ପାଣି ପଶିଯିବାରୁ ଭୋକ ଉପବାସରେ ଆଉଟୁପାଉଟି ହେଉଛନ୍ତି ଲୋକେ। ବାଲିସାହି, ସାନହଳପଡା, ଫାଜିଲପୁର ଅଞ୍ଚଳରେ ବହୁ ଘରେ ବନ୍ୟାପାଣିରେ ବୁଡି ଯାଇଛି। ରାସ୍ତାରେ ପାଣି ଚାଲୁଥିବାରୁ ପଧାନପଡା ସ୍କୁଲ ବନ୍ଦ ରହିଛି। ରାଜକନିକା ବିଡିଓ ଅଶୋକ କୁମାର ମହାନ୍ତି ଓ କନିକା ତହସିଲଦାର ପ୍ରେମାନନ୍ଦ ବେହେରା, ପଧାନପଡା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବନ୍ୟାପାଣିରେ ଯାଇ ସମସ୍ତଙ୍କ ଘର ପରିଦର୍ଶନ କରିବା ସହ ବିପନ୍ନ ପରିବାରଙ୍କୁ ପାଲ ଯୋଗାଇ ଦେବାକୁ କନିକା ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାଜଳରେ ଅବଦୁଲପୁର, ଚରପଡା, ଦାମୋଦରପୁର, ସାନହଳପଡା, ଚରପଡା, ଦେଉଳତରା, ଉଜାଙ୍ଗ, ଅରଗଳ, ବାଙ୍ଗରା, ଅରଗଳକଟ, ପାରିନୂଆପଡା, ସିହୋପଡା, ହାଟସାହି, ଅହମଦପୁର, ଓଳାଭର, ବାରାହା ଦୋମଣ୍ଡା, କନପୁର ଓ ମାନପୁର ଅଞ୍ଚଳର ଶତାଧିକ ଏକର ଚାଷଜମି ବୁଡି ଧାନ କଳେଇଗୁଡିକ ବିଲରେ ଭାସୁଛି। ତେଣୁ କେନ୍ଦ୍ରାପଡା ଜିଲାପାଳ ଚାଷର କ୍ଷତି ପୂରଣ ଦେବାକୁ ପଶ୍ଚିମକନିକା ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।



ପଧାନପଡ଼ା ଗାଁରେ ବନ୍ୟା ଜଳ।

